# State Progressive Women's Forum

SPWF

ଅଧକ୍ଷା ତା୧.୧୧.୨୦୧୮

## ମହିଳା ଓ ଶିଶୁ ଅଧିକାର ଆଧାରିତ ଜାତୀୟ ସମ୍ମେଳନକୁ ନିମନ୍ତ୍ରଣ ।

ପ୍ରିୟ ସାଥୀ,

ସଭାପତି/ ସଂପାଦିକା ଜିଲ୍ଲା / ବ୍ଲକ / ପଂଚାୟତ / ମହାସଂଘ,

ଶୁଭେଚ୍ଛା ଓ ନମସ୍କାର ଗ୍ରହଣ କରିବେ । ଆନନ୍ଦର ସହ ଆପଣଙ୍କୁ ଏହା ସୂଚିତ କରୁଅଛୁ ଯେ, ଆଗାମୀ ଡିସେମ୍ବର ୩-୪ ଦୁଇ ଦିନ ଧରି ଭୁବନେଶ୍ୱର ଜୟଦେବ ଭବନ, ଭୁବନେଶ୍ୱର ଠାରେ ଷ୍ଟେଟ୍ ପ୍ରୋଗ୍ରେସିଭ୍ ୱିମେନ୍ସ ଫୋରମ୍ ଦ୍ୱାରା ମହିଳା ଓ ଶିଶୁ ଅଧିକାର ଆଧାରିତ ଜାତୀୟ ସମ୍ମେଳନ ଆୟୋଜିତ ହେଉଛି । ଦେଶ ଓ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସମାଜସେବା, କଳା-ସାହିତ୍ୟ, ସାମାଜଶାସ୍ତ୍ର, ରାଜନୀତି କ୍ଷେତ୍ର, ମହିଳା ଓ ଶିଶୁ ଅଧିକାର ସୁରକ୍ଷା, ମହିଳା/ ସ୍ଥାନୀୟ ଉଦ୍ୟୋଗ ତଥା ଆର୍ଥିକ ସ୍ୱାବଲମ୍ବନ ଆଦି କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିତ୍ୱମାନେ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବାକୁ ସ୍ବୀକୃତି ପ୍ରଦାନ କରିଛନ୍ତି । ସମ୍ମିଳନୀର ବିଭିନ୍ନ ଅଧିବେଶନରେ ସେମାନଙ୍କ ସହ ବୌଦ୍ଧିକ ତଥା ବ୍ୟବହାରିକ ବିଚ୍ୱର ବିନିମୟ ଏବଂ କାର୍ଯ୍ୟଖସଡ଼ା ପ୍ରସ୍ତୁତିର ସୁଯୋଗନେବା ବ୍ୟକ୍ତିଗତ ଭାବେ ଆମପାଇଁ ଏବଂ ସାମୁହିକଭାବେ ଆମ ମହାମଞ୍ଚ ଷ୍ଟେଟ୍ ପ୍ରୋଗ୍ରେସିଭ୍ ୱିମେନ୍ସ ଫୋରମ୍ ପାଇଁ ରହିଛି ।

ଗମନାଗମନ, ରହଣି, ସମୂହ ବୈଠକ, ନିର୍ଣ୍ଣାୟକ ଆଲୋଚନା ଇତ୍ୟାଦିକୁ ଦୃଷ୍ଟିରେ ରଖି ରାଜ୍ୟର ରାଜଧାନୀ ସହର ଭୁବନେଶ୍ୱରକୁ ଏଥର ମଧ ସମ୍ମିଳନୀ ସ୍ଥଳ ଭାବେ ଗ୍ରହଣ କରାଯାଇଛି । ଆମ ରାଜ୍ୟର ବିଭିନ୍ନ ଅଞ୍ଚଳ, ବିଶେଷ କରି ଉପାନ୍ତ ଅଞ୍ଚଳମାନଙ୍କରେ ପରବର୍ତ୍ତୀ ସମୟରେ ସମଜାତୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଇବାର ନିର୍ଣ୍ଣୟ ତଥା ଯୋଜନା ପ୍ରସ୍ତୁତି ଏହି ସମ୍ମିଳନୀର ସାଂଗଠନିକ ଅଧିବେଶନରେ ନିଆଯିବ । ଏଣୁ ନିଜ ନିଜ ଅଞ୍ଚଳକୁ ପ୍ରତିନିଧିତ୍ୱ କରିବା ସଙ୍ଗେ ସଙ୍ଗେ ସ୍ଥାନୀୟ ଏବଂ ବିଶେଷ ସମସ୍ୟାଗୁଡିକୁ ସମ୍ମେଳନର ବୌଦ୍ଧିକ ଆଲୋଚନାରେ ସାମିଲ କରାଇବା ପ୍ରତ୍ୟେକ ପ୍ରତିନିଧିଙ୍କ ପକ୍ଷେ ଉପଯୁକ୍ତ ହେବ । ପୁଣି ନିର୍ଦ୍ଦିଷ୍ଟ ଆଞ୍ଚଳିକ ଓ ବିଷୟଗତ ସମସ୍ୟାମାନଙ୍କର ପ୍ରତିବିଧାନ ପ୍ରସ୍ତାବ ରଖିବାକୁ ହେବ । ସେହିକ୍ରମରେ ପ୍ରତିବିଧାନ ପ୍ରସ୍ତାବ ଗୁଡିକର କାର୍ଯ୍ୟକାରିତା ଆଧାରରେ ନିର୍ଦ୍ଦିଷ୍ଟ ଯୋଜନା, ପ୍ରକ୍ରିୟା ଓ ଦାୟିତ୍ୱ ବଣ୍ଟନ ମଧ ହେବ । ଏଣୁ ସମ୍ମିଳନୀରେ ଅଂଶ ଗ୍ରହଣକୁ ସାର୍ଥକ କରିବା ଲକ୍ଷ୍ୟରେ ଏବେଠାରୁ ବ୍ୟକ୍ତିଗତ ଯୋଜନା ମଧ କରିବାକୁ ହେବ । ମହିଳା ବା ଯୁବତୀମାନଙ୍କର ମେଳ/ଦଳ/ସଂଘ/ମହାସଂଘ ସ୍ତରରେ ପ୍ରସ୍ତୁତି ଓ ଆଲୋଚନା ହୋଇ ସମ୍ମିଳନୀରେ ସଫଳ ଅଂଶ ଗ୍ରହଣ କରିବା ହିଁ ଦରକାର ।

ପୁଣି ପୂର୍ବ ସମ୍ମିଳନୀଗୁଡିକର ଏହା ପୁନରାବୃତ୍ତି ବୋଲି ଆଦୌ ବୁଝିବା ନାହିଁ । ମହିଳା ଓ ଶିଶୁ ଅଧିକାରର ସୁରକ୍ଷା ତଥା ବିକାଶ ଏବଂ ମହିଳାଙ୍କ ଆର୍ଥିକ-ସାମାଜିକ ସ୍ଥିତିରେ କିଛି ଉନ୍ନତି ଲକ୍ଷ୍ୟ କରାଯାଇଥିଲେ ମଧ, ଏବେ ବି ବହୁ ବ୍ୟାପାରରେ ଅନେକ କିଛି ହେବାକୁ ବାକି ଅଛି । ପୁଣି ଆମ ସମାଜର ବିଭିନ୍ନ ସ୍ତରରେ ଜୀବନଯାପନ ଶୈଳୀରେ କିଛି ପରିବର୍ତ୍ତନ ହୋଇଯାଇଥିବାରୁ କିଛି କିଛି ନୂତନ ସମସ୍ୟା ବା ଜଟିଳତା ଦେଖାଦେଉଛି । ଏଗୁଡିକର ଆକାର ଓ ପ୍ରକାର ଭେଦରେ ବିଶେଷ ଆଲୋଚନା ହେବାର ଆବଶ୍ୟକତା ଅଛି । ପ୍ରତିକାର/ ପ୍ରତିବିଧାନ ପାଇଁ ବରିଷ୍ଠ, ବିଶେଷଜ୍ଞମାନଙ୍କ ପରାମର୍ଶ ମାଗିବାର ବେଳ ଆସିଛି ଏଇ ସମ୍ମିଳନୀ ଅବସରରେ ।

**Head Office :**
New Airport VIP Road, Bank of Baroda Building, Plot No.: 67/1998, Bhubaneswar - 751020, Tel. : 0674-2596571

**Branch Office :**
MIV-5, Madhuban, Paradip, Jagatsinghpur, Odisha
* Gop, *Bramhagiri, Puri

Mobile :9437073571
E-mail: spwf.odisha@gmail.com,
Website: www.spwfodisha.org

# State Progressive Women's Forum

SPWF

ସ୍ଥାନୀୟ ଅଞ୍ଚଳର ମହିଳାମାନେ ମହିଳା ଦଳ ବା ସଂଘମାନେ ନିଜେ କେତେ କେତେ ସମସ୍ୟାର ସମାଧାନ କରିବାରେ ସଫଳ ହୋଇଛନ୍ତି। ଅତଏବ ସେମାନଙ୍କ ସଫଳତାର କାହାଣୀ ପୂରା ଶୁଣିବା ଓ ତାହା ମାଧ୍ୟମରେ ଶିଖିବାର ସୁଯୋଗ ଆମେ ନିଶ୍ଚୟ ନେବା। ସମ୍ମିଳନୀ ସ୍ଥଳଟି ଆମମାନଙ୍କର ଚିନ୍ତା-ବିଚାରର ମିଳନ ସ୍ଥଳ ବା ପରସ୍ପରଠାରୁ ଶିକ୍ଷଣ ସ୍ଥଳ ହେବା ଉଚିତ। ଆମେ ସମସ୍ତେ ଜାଣୁ, ମହିଳା ( ସିଧା କଥାରେ ମାଆ-ଭଉଣୀ) ମାନଙ୍କର ଆର୍ଥିକ ସ୍ଥିତି ସେମାନଙ୍କର ସାମାଜିକ ସ୍ଥିତିକୁ ପ୍ରାୟ ପ୍ରଭାବିତ କରେ। ପୁଣି ଆର୍ଥିକ ସ୍ଥିତି ରୋଜଗାରୀ ଦକ୍ଷତା ଉପରେ ନିର୍ଭର। 'ରୋଜଗାର ଦକ୍ଷତା'ଟି କର୍ମ କୌଶଳ ବା ଉତ୍ପାଦନ କୌଶଳ ଉପରେ ନିର୍ଭର କରିଥାଏ। ଆଜି ଦିନରେ ଅତି ବୟସ୍କାମାନଙ୍କୁ ବାଦ୍ ଦେଇ ବାକି ସମସ୍ତ ମହିଳା ଘରୋଇ କାମ ବାହାରେ କଛି ନା କିଛି ରୋଜଗାର ମୂଳକ କାମରେ ଭାଗ ନେବା ଦରକାର। ସ୍ୱୟଂ ସହାୟକ ଦଳ ବା ସେହିଭଳି କିଛି ସଂଗଠନର ସଭ୍ୟା ହେବା ଉଚିତ୍।

ପୁଣି ସ୍ଥାନୀୟ ଶାସନ ବା ପଞ୍ଚାୟତିରାଜ ବ୍ୟବସ୍ଥା ଓ ମହିଳାମାନଙ୍କର ଯୋଗ୍ୟତା ପ୍ରଦର୍ଶନ ଓ ଅଧିକାର ହାସଲର ଅନ୍ୟ ଏକ ପ୍ରଧାନ କ୍ଷେତ୍ର। ମୋଟ ଆସନର ଅଧା ଆମ ହାତରେ ଅଛି/ ଆସିବ। ଗ୍ରାମ ପଞ୍ଚାୟତଠାରୁ ଜିଲ୍ଲାପରିଷଦ ପର୍ଯ୍ୟନ୍ତ ସବୁଠି ୫୦ ପ୍ରତିଶତ ସ୍ଥାନ ଦଖଲ କରୁଥିବା ମହିଳାମାନେ ଗ୍ରାମାଞ୍ଚଳ ଓ ସମାଜ ବିକାଶର ସୁଯୋଗ ଗୁଡିକୁ ଯେତେସମ୍ଭବ ସଦୁପଯୋଗ କରିବା ଦରକାର। ଏ କ୍ଷେତ୍ରରେ ପଦାଧିକାରୀ ମହିଳାମାନେ ବହୁ ଭାବରେ ପୁରୁଷ-ନିର୍ଭର ବା ପୁରୁଷ-ନିୟନ୍ତ୍ରିତ ବୋଲି ଖୁବ୍ ଅଭିଯୋଗ ଆସେ; ଏଭଳି ଅଭିଯୋଗର ସୁଯୋଗ ନ ଦେବାର ସଂକଳ୍ପ ନେବା। ଅର୍ଥାତ୍ ପଞ୍ଚାୟତିରାଜ ପ୍ରତିନିଧି ବା ପଦାଧିକାରୀଭାବେ ଆମ ଭଉଣୀମାନଙ୍କର ଆତ୍ମନିର୍ଭର ହେବାର ଡାକରା ଆସୁଛି ଏଥିରୁ। ଆମ ପଦବୀ ଅନୁରୂପ ଦାୟିତ୍ୱ ଓ କାର୍ଯ୍ୟଧାରା ବିଷୟରେ ସଠିକ୍ ଜ୍ଞାନ ଓ ସଠିକ୍ କାର୍ଯ୍ୟ ସହ ଆମକୁ ବଢ଼ିବା।

ଉପର ଲିଖିତ କଥାଗୁଡିକୁ ଏକ ଉଦବୋଧନ ମାତ୍ର ବୋଲି ବୁଝିବା ନାହିଁ। ସ୍ଥିର ବିଚାରରେ ଏହା ହିଁ ଆମର ଲକ୍ଷ୍ୟ ଓ କାର୍ଯ୍ୟକ୍ରମ। କାର୍ଯ୍ୟସୂଚୀ ଏଥି ସହିତ ରହିଛି। ନିଜର ଏଇ ମହାମେଳ କାର୍ଯ୍ୟକ୍ରମଟିକୁ ସଫଳ କରାଇବାକୁ ନିବେଦନ ଜଣାଉଛୁ। ରାଜ୍ୟର ସମସ୍ତ ମହିଳା ନିଜର ସ୍ୱାର୍ଥ ଅପେକ୍ଷା ରାଜ୍ୟ, ଦେଶ ତଥା ବିଶ୍ୱର ସ୍ୱାର୍ଥକୁ ପ୍ରାଧାନ୍ୟ ଦେବା , ଆମେ ମହିଳା ଏକ ହେବା, ଗୋଟିଏ ସ୍ୱରରେ କଥା କହିବା, ଗୋଟିଏ ସୂତାରେ ବାନ୍ଧି ହେବା,ଗୋଟିଏ ପ୍ଲାଟଫର୍ମରେ ଛିଡା ହେବା ସହିତ ନିଜର ଅଧିକାରକୁ ସାବ୍ୟସ୍ତ କରିବାର ସମସ୍ତ ତରିକାକୁ ଅବଲମ୍ବନ କରିବା। ଏହି ମହିଳା ଓ ଶିଶୁ ଅଧିକାର ମହା ସମ୍ମିଳନୀ ଆପଣଙ୍କ ଅପେକ୍ଷାରେ।

ନିବେଦନର ସହ

ମିନାକ୍ଷୀ ପୃଷ୍ଟି
ରାଜ୍ୟ ସଂପାଦିକା

ମମତା ସାମନ୍ତରାୟ
ଅଧ୍ୟକ୍ଷା

ବିଦ୍ର: ପତ୍ର ପାଇବା କ୍ଷଣି ଆମ୍ଭକୁ ଯଥାଶିଘ୍ର ଯୋଗାଯୋଗ କରିବାକୁ ଅନୁରୋଧ। ମୋ: ୯୪୩୭୦୭୩୫୭୧

ସମ୍ମିଳନୀରେ ସ୍ୱତନ୍ତ୍ର ଭାବେ ମାଗଣା ରହଣି ଓ ଖାଦ୍ୟର ସୁ ବ୍ୟବସ୍ଥା ସହିତ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର ମହାନ୍ ବ୍ୟକ୍ତିମାନଙ୍କ ଦ୍ୱାରା ଆପଣଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଆପଣଙ୍କୁ ପୁରସ୍କାର ସହିତ ସମ୍ବର୍ଦ୍ଧିତ କରାଯିବ।

Head Office :
New Airport VIP Road, Bank of Baroda Building, Plot No.: 67/1998,Bhubaneswar - 751020, Tel. : 0674-2596571

Branch Office :
MIV-5, Madhuban, Paradip, Jagatsinghpur, Odisha
* Gop, *Bramhagiri, Puri

Mobile :9437073571
E-mail: spwf.odisha@gmail.com,
Website: www.spwfodisha.org